# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**16 April - 2024**

**News Editor : *Tapan Kumar Maharana***

*********************************

## ମୁଖ୍ୟ ସମ୍ବାଦ

- ଦେଶରେ ଲାଗୁ ହୋଇଥିବା ନିର୍ବାଚନୀ ଆଦର୍ଶ ଆଚରଣ ବିଧିକୁ ପୂରିଲା ଏକ ମାସ

— ନିଆଯାଇଥିବା ପଦକ୍ଷେପକୁ ସାର୍ବଜନୀନ କଲେ ନିର୍ବାଚନ କମିଶନ

- କେନ୍ଦ୍ରୀୟ ଲୋକସେବା ଆୟୋଗ ପରୀକ୍ଷାରେ ଓଡ଼ିଶାର ଅନିମେଶ ପ୍ରଧାନ ପାଇଛନ୍ତି ଦ୍ୱିତୀୟ ସ୍ଥାନ

- ବିଧାନସଭା ଆସନ ପାଇଁ ଆଉ ୨୧ ଜଣଙ୍କର ନାମ ଘୋଷଣା କଲା ଭାରତୀୟ ଜନତା ପାର୍ଟି

ଏବଂ

- ଭୁବନେଶ୍ୱର ଏକାମ୍ର କ୍ଷେତ୍ରରେ ଚାଲିଛି ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ଯାତ୍ରା

# ଆଦର୍ଶ ଆଚରଣ ବିଧି

ଆସନ୍ତା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଆଦର୍ଶ ଆଚରଣ ବିଧି ଲାଗୁ ହେବାର ଆଜିକୁ ଏକ ମାସ ପୂରଣ ହୋଇଛି । ଏହି କ୍ରମରେ ଭାରତୀୟ ନିର୍ବାଚନ କମିଶନ ଗ୍ରହଣ ଯାଇଥିବା ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନର କିଛି ବିବରଣୀ ସାର୍ବଜନୀନ କରିଛନ୍ତି। ଏହି ଏକ ମାସ ମଧ୍ୟରେ ରାଜନୈତିକ ଦଳଗୁଡ଼ିକ ଆଦର୍ଶ ଆଚରଣ ବିଧିକୁ ମାନି ଚଳିଛନ୍ତି ଏବଂ ବିଭିନ୍ନ ଦଳ ଓ ପ୍ରାର୍ଥୀଙ୍କ ପ୍ରଚାର ମୁଖ୍ୟତଃ ବିଶୃଙ୍ଖଳାମୁକ୍ତ ରହିଛି ବୋଲି ନିର୍ବାଚନ କମିଶନ ସନ୍ତୋଷ ବ୍ୟକ୍ତ କରିଛନ୍ତି। ତେବେ ମହିଳାଙ୍କ ବିରୋଧରେ ଅପମାନଜନକ ଓ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଦଳର ନେତାମାନଙ୍କୁ ନୋଟିସ୍ ଜାରି କରି ଆୟୋଗ ମହିଳାଙ୍କ ସମ୍ମାନ ଓ ଗରିମା ପ୍ରସଙ୍ଗରେ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଦଳୀୟ ନେତା ଓ ପ୍ରଚାରକମାନେ ଯେପରି ଏଭଳି ଅପମାନଜନକ ଓ ସମ୍ମାନହାନି କରିବା ଭଳି ମନ୍ତବ୍ୟ ନ ଦିଅନ୍ତି ସେଥିପାଇଁ ଆୟୋଗ ଦଳୀୟ ମୁଖ୍ୟ/ସଭାପତିଙ୍କୁ ଉତ୍ତରଦାୟୀ କରିବା ଦିଗରେ ପଦକ୍ଷେପ ନେଇଛନ୍ତି। ପ୍ରତ୍ୟେକ ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ଯେପରି ସମାନ ସୁଯୋଗ ପାଇବାରେ ବାଧା ସୃଷ୍ଟି ନ ହୁଏ ଏବଂ ପ୍ରଚାରରେ ଆକ୍ଷେପ ପ୍ରତିଆକ୍ଷେପ ଗ୍ରହଣ ଯୋଗ୍ୟ ନ ହୁଏ ସେଥିପ୍ରତି ଦୃଷ୍ଟି ଦେଇ ନିର୍ବାଚନ କମିଶନ ତ୍ୱରିତ ଓ ପ୍ରଶଂସନୀୟ ପଦକ୍ଷେପ ନେଇଛନ୍ତି।

ଏହି ଏକ ମାସ ମଧ୍ୟରେ ୭ଟି ରାଜନୈତିକ ଦଳର ୧୬ ପ୍ରତିନିଧି ଦଳ ଆୟୋଗଙ୍କୁ ଭେଟି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଓ ଆନୁସଙ୍ଗିକ

ପ୍ରସଙ୍ଗରେ ଅଭିଯୋଗ କରିଛନ୍ତି । ରାଜ୍ୟ ସ୍ତରରେ ମଧ୍ୟ ଅନେକ ରାଜନୈତିକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସାକ୍ଷାତ କରି ଅଭିଯୋଗ ଦାଖଲ କରିଛନ୍ତି । ବିଭିନ୍ନ ରାଜନୈତିକ ଦଳ ଏବଂ ପ୍ରାର୍ଥୀମାନେ ନିର୍ବାଚନ ଆୟୋଗଙ୍କ ସ୍ତରରେ ଏବଂ ବିଭିନ୍ନ ରାଜ୍ୟରେ ପାଖାପାଖି ୨୦୦ଟି ଅଭିଯୋଗ ଦାଖଲ କରିଛନ୍ତି । ସେଥିମଧ୍ୟରୁ ୧୬୯ଟି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଗୁଜରାଟ, ପଞ୍ଜାବ, ଓଡ଼ିଶା ଓ ପଶ୍ଚିମବଙ୍ଗ ଭଳି ୪ଟି ରାଜ୍ୟରେ ଜିଲ୍ଲାପାଳ ଓ ଏସପି ପଦବୀରେ ଅବସ୍ଥାପିତ ଅଣ-କ୍ୟାଡର ଅଧିକାରୀଙ୍କ ବଦଳି କରାଯାଇଛି । 'ପାମ୍ପଲେଟ୍ ଓ ପୋଷ୍ଟର'ର ପରିଭାଷାକୁ ବ୍ୟାପକ ରୂପ ଦେବା ସହିତ ହୋର୍ଡିଂ ସମେତ ନିର୍ବାଚନ ସମ୍ବନ୍ଧୀୟ ମୁଦ୍ରିତ ସାମଗ୍ରୀରେ ମୁଦ୍ରାକର ଏବଂ ପ୍ରକାଶକଙ୍କ ନାମ ସ୍ପଷ୍ଟ ଭାବେ ଦର୍ଶାଇବା ଲାଗି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆୟୋଗଙ୍କ ସି-ଭିଜିଲ୍ ପୋର୍ଟାଲରେ ସମୁଦାୟ ୨,୬୮,୦୮୦ଟି ଅଭିଯୋଗ ଦାଖଲ କରାଯାଇଛି । ସେଥିମଧ୍ୟରୁ ୨,୬୭,୭୬୨ଟି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ୯୨% ମାମଲା ହାରାହାରି ୧୦୦ ମିନିଟ୍‌ରୁ କମ୍ ସମୟ ମଧ୍ୟରେ ସମାଧାନ କରାଯାଇଛି ବୋଲି ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ କୁହାଯାଇଛି ।

## ୟୁପିଏସସି ପରୀକ୍ଷା ଫଳ

କେନ୍ଦ୍ରୀୟ ଲୋକସେବା ଆୟୋଗ-ୟୁପିଏସସି ଦ୍ୱାରା ପରିଚାଳିତ ୨୦୨୩ ମସିହାର ସିଭିଲ ସର୍ଭିସ୍ ମେନ୍ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । ଏହି ପରୀକ୍ଷାରେ ମୋଟ ୧ ହଜାର ୧୬ ଜଣ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ଆଦିତ୍ୟ ଶ୍ରୀବାସ୍ତବ ସର୍ବ ଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଓଡ଼ିଶାର ଅନିମେଷ ପ୍ରଧାନ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଅନିମେଶଙ୍କ ଘର

ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ତାଳଚେର ଭାଲୁଗଡିଆ ଗ୍ରାମର ବୋଲି ଜଣାପଡିଛି । ସେହିପରି ତୃତୀୟ ସ୍ଥାନରେ ଡୋନୁରୁ ଅନନ୍ୟା ରେଡ୍ଡୀ ଅଛନ୍ତି ।

ଅନ୍ୟମାନଙ୍କ ମଧ୍ୟରୁ ଓଡ଼ିଶାରୁ ପ୍ରଜ୍ଞାନନ୍ଦନ ଗିରି ୨୪ତମ ସ୍ଥାନ ପାଇଥିବା ବେଳେ ୩୬ତମ ସ୍ଥାନରେ ଆୟୁଷୀ ପ୍ରଧାନ ଅଛନ୍ତି। ଜୟଶ୍ରୀ ପ୍ରଧାନଙ୍କୁ ୫୨ତମ ସ୍ଥାନ ମିଳିଥିବାବେଳେ ଅଭିମନ୍ୟୁ ମଲ୍ଲିକ ୬୦ତମ ର୍‍ୟାଙ୍କରେ ରହିଛନ୍ତି। ଅମ୍ରିତାଂଶୁ ନାୟକ ୧୧୦ତମ ର୍‍ୟାଙ୍କରେ ରହିଥିବାବେଳେ ଯଶୋବନ୍ତ ମଲ୍ଲିକ ୧୧୫ତମ ର୍‍ୟାଙ୍କ, କୃତୀ ତ୍ରିପାଠୀ ୧୪୯ତମ ର୍‍ୟାଙ୍କ, ନୀତେଶ ମିଶ୍ର ୧୫୮ତମ ର୍‍ୟାଙ୍କ ପାଇଛନ୍ତି । ସେହିପରି ପଦ୍ମନାଭ ମିଶ୍ରଙ୍କୁ ୧୭୬, ଶୁଭ୍ରା ପଣ୍ଡାଙ୍କୁ ୨୦୪ ଓ କୁମୁଦ ମିଶ୍ରଙ୍କୁ ୨୫୯ ତମ ର୍‍ୟାଙ୍କ ମିଳିଥିବାବେଳେ ୨୬୯ତମ ସ୍ଥାନରେ ତାନିଆ ମିଶ୍ର, ୩୦୩ ତମ ସ୍ଥାନରେ ତନିଷା ମିଶ୍ର, ୩୪୩ ତମ ସ୍ଥାନରେ ବିଶ୍ୱଜିତ ପଣ୍ଡା ଅଛନ୍ତି। ୪୬୬ତମ ର୍‍ୟାଙ୍କରେ ସୌରଭ ଦାସ ଥିବାବେଳେ କଳହାଣ୍ଡିର ସିଦ୍ଧାର୍ଥ ବେସ୍ରା ୮୦୦ତମ ସ୍ଥାନରେ ଥିବା ଜଣାପଡିଛି ।

## ବିଜେପି ବିଧାନସଭା ପ୍ରାର୍ଥୀ ତାଲିକା

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ବିଜେପି ଆଜି ଆଉ ୨୧ ଜଣ ବିଧାନସଭା ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ରାଉରକେଲାରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କୁ ପ୍ରାର୍ଥୀ କରାଯାଇଛି । ଲକ୍ଷ୍ମୀପୁରରୁ କୈଳାଶ କୁଲେଶିକା, ଜଗତସିଂହପୁରରୁ ଅମରେନ୍ଦ୍ର ଦାସ ଦଳୀୟ ପ୍ରାର୍ଥୀ ହୋଇଛନ୍ତି । ଅପରପକ୍ଷେ ଦଳ ପ୍ରଥମ ପର୍ଯ୍ୟାୟରେ ଘୋଷଣା କରିଥିବା ୧୧୨ ପ୍ରାର୍ଥୀଙ୍କ ମଧ୍ୟରୁ ୨ ଜଣଙ୍କୁ ପରିବର୍ତ୍ତନ କରିଛି । ରଣପୁରରେ ତାପସ ରଞ୍ଜନ ମାର୍ଥାଙ୍କ ବଦଳରେ ସୁରମା ପାଢ଼ୀ ପ୍ରାର୍ଥୀ ହୋଇଛନ୍ତି। ପଟ୍ଟାଙ୍ଗୀରେ ଚୈତନ୍ୟ ହନ୍ତାଳଙ୍କ ସ୍ଥାନରେ ଚୈତନ୍ୟ ନନ୍ଦିବାଲିଙ୍କୁ ପ୍ରାର୍ଥୀ କରାଯାଇଛି ।

ଦୁଇଟି ପର୍ଯ୍ୟାୟରେ ଦଳ ପକ୍ଷରୁ ଏପର୍ଯ୍ୟନ୍ତ ୧୩୧ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି ।

# ଅଶୋକାଷ୍ଟମୀ

ପବିତ୍ର ଅଶୋକାଷ୍ଟମୀରେ ଆଜି ଭୁବନେଶ୍ୱର ଏକାମ୍ର କ୍ଷେତ୍ରରେ ଅଧିଷ୍ଠିତ ପ୍ରଭୁ ଶ୍ରୀଶ୍ରୀଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଆରମ୍ଭ ହୋଇଛି ।  ପ୍ରଭୁ ଶ୍ରୀଲିଙ୍ଗରାଜ  ଦୋଳଗୋବିନ୍ଦ ଏବଂ ଭଉଣୀ ରୁକୁଣୀଙ୍କୁ ସାଙ୍ଗରେ ଧରି ରାମେଶ୍ୱର ମନ୍ଦିର ଅଭିମୁଖେ ଯାତ୍ରା କରୁଛନ୍ତି । ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ନୀତିକାନ୍ତି ଶେଷ ହେବା ପରେ ଅପରାହ୍ଣ ୪ଟା ୫୫ ମିନିଟ୍‌ରେ ରଥଟଣା ଆରମ୍ଭ ହୋଇଥିଲା । ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ସହ ସଶସ୍ତ୍ର ପୁଲିସ୍ ମୁତୟନ କରାଯାଇଛି ।

## ମହାଷ୍ଟମୀ ଶୁଭେଚ୍ଛା

ଚୈତ୍ର ନବରାତ୍ରୀର ଆଜି ମହାଷ୍ଟମୀ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ବାର୍ତ୍ତା ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଦୁର୍ଗା ଅଷ୍ଟମୀର ଅଭିଷ୍ଟ ଦେବୀ ମାଆ ମହାଗୌରୀ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଆଣି ଦିଅନ୍ତୁ ।

ପବିତ୍ର ମହାଷ୍ଟମୀରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ **ରାଜ୍ୟପାଳ** ରଘୁବର ଦାସ ଏବଂ **ମୁଖ୍ୟମନ୍ତ୍ରୀ** ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । **କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ପବିତ୍ର ଅଶୋକାଷ୍ଟମୀ ଓ ପ୍ରଭୁ

ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଅବସରରେ ସମସ୍ତଙ୍କ କଲ୍ୟାଣ କାମନା କରିଛନ୍ତି ।

## ରଥଯାତ୍ରା ପ୍ରସ୍ତୁତି ବୈଠକ

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ପୁରୀ ରଥଯାତ୍ରାକୁ ସଫଳତାର ସହ ଆୟୋଜନ  କରିବା ପାଇଁ ପ୍ରତ୍ୟେକ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବୈଠକରେ ଉପସ୍ଥିତ ଏସପି ପିନାକ ମିଶ୍ର ଯାତ୍ରୀ ସୁରକ୍ଷା ଓ ଆଇନ୍‌ଶୃଙ୍ଖଳା ସମ୍ପର୍କରେ ନିଆଯିବାକୁ ଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ସୂଚନା ଦେଇ ପ୍ରତ୍ୟେକ ବିଭାଗ ତତ୍ପରତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।

ଚଳିତ ବର୍ଷ ମଇ ୧୦ ତାରିଖ ଅକ୍ଷୟ ତୃତୀୟାରେ ରଥ ଅନୁକୂଳ, ଜୁନ ୨୨ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା, ଜୁଲାଇ ୭ ତାରିଖରେ ଶ୍ରୀ ଗୁଣ୍ଡିଚା, ଜୁଲାଇ ୧୨ ତାରିଖରେ ରଥ ଦକ୍ଷିଣ ମୋଡ, ଜୁଲାଇ ୧୪ ତାରିଖରେ ସଂଧ୍ୟା ଦର୍ଶନ, ଜୁଲାଇ ୧୫ ତାରିଖରେ ବାହୁଡା ଯାତ୍ରା, ଜୁଲାଇ ୧୭ ତାରିଖରେ ସୁନା ବେଶ ଓ ୧୮ ତାରିଖରେ ଅଧରପଣା ନୀତି ଅନୁଷ୍ଠିତ ହେବ ବୋଲି ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ସୂଚନା ଦେଇଥିଲେ ।

## ତାରାତାରିଣୀ ପୀଠ–ଗଞ୍ଜାମ

**ଗଞ୍ଜାମ** ଜିଲ୍ଲାର ପୁରସ୍ତମପୁର ନିକଟ ରତ୍ନଗିରି ପାହାଡରେ ଅବସ୍ଥିତ ମା' ତାରାତାରିଣୀ ଆଜି ଚତୁର୍ଥ ପାଳି ଚୈତ୍ର ମଙ୍ଗଳବାରରେ ମାଆ ଦୁର୍ଗା

ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । ମଧ୍ୟରାତ୍ରି ପ୍ରାୟ ସାଢ଼େ ଗୋଟାଏରୁ ମନ୍ଦିର ଦ୍ୱାର ଫିଟାଯାଇ ପରମ୍ପରା ଅନୁଯାୟୀ, ମଙ୍ଗଳ ଆଳତି, ଅବକାଶ, ମାଜଣା, ସିଂଙ୍ଗାର, ଅଭିଷେକ, ବାଲଭୋଗ ଆଦି ନୀତିକାନ୍ତି ସରିବା ପରେ ମାଆ ତାରା-ତାରିଣୀ ଦୁଇ ଭଉଣୀଙ୍କୁ ମା' ଦୁର୍ଗାଙ୍କ ବେଶରେ ସଜ୍ଜା ଯାଇଥିଲା । ସକାଳ ସାଢ଼େ ୪ଟାରେ ସାହାଣମେଲା ହେବା ପରେ ଲକ୍ଷାଧିକ ଭକ୍ତ, ମାନସିକଧାରୀ ମାଆ ତାରା-ତାରିଣୀଙ୍କୁ ମା' ଦୁର୍ଗାବେଶରେ ଦର୍ଶନ କରିଥିଲେ । ଚୈତ୍ର ମଙ୍ଗଳବାରରେ ରାଜ୍ୟର ଅନ୍ୟାନ୍ୟ ଦେବୀପୀଠ ଗୁଡ଼ିକରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବାରୁ ପୁଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

## ଶାନ୍ତି କମିଟି ବୈଠକ

ବୌଦ୍ଧ ଗଡ଼ଜାତର ଗଣପର୍ବ ଶ୍ରୀରାମଲୀଳା ଯାତ୍ରା ମହୋତ୍ସବ ଆସନ୍ତାକାଲି ପବିତ୍ର ଶ୍ରୀରାମ ନବମୀଠାରୁ ଆରମ୍ଭ ହୋଇ ୧୮ ଦିନ ପର୍ଯ୍ୟନ୍ତ ଚାଲିବ । ଏଥିନିମନ୍ତେ ଆଜି ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଶାନ୍ତି କମିଟି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ.ସୋନାଲ ଏହି ଯାତ୍ରାର ସଫଳତା ପାଇଁ ସମସ୍ତ ଜନସାଧାରଣ ଏବଂ ବିଭିନ୍ନ ସମ୍ପ୍ରଦାୟଙ୍କ ସହଯୋଗ କାମନା କରିଥିଲେ । କୌଣସି ସମସ୍ୟା ଥିଲେ ପୁଲିସ୍ କିମ୍ବା ପ୍ରଶାସନକୁ ଜଣାଇବା ପାଇଁ ବୈଠକରେ ଆରକ୍ଷୀ ଅଧିକ୍ଷକ ରାଜପ୍ରସାଦ କହିଛନ୍ତି ।

## ତାପମାତ୍ରା

ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଛି । ବାୟୁମଣ୍ଡଳର ନିମ୍ନଭାଗରେ ରାଜ୍ୟକୁ ପଶ୍ଚିମ ତଥା ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବେଶ କରୁଥିବାରୁ

ତାପମାତ୍ରା ବୃଦ୍ଧି ପାଇଛି । ଏଥିସହିତ ସୂର୍ଯ୍ୟକିରଣର ତୀବ୍ରତା ବୃଦ୍ଧି ପାଉଥିବାରୁ ଆଗାମୀ ୪ ରୁ ୫ ଦିନ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ଦିନର ତାପମାତ୍ରା ୨ ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ଆଜି ଅପରାହ୍ଣ ସାଢ଼େ ଦୁଇଟା ସୁଦ୍ଧା ରାଜ୍ୟର ୬ଟି ସ୍ଥାନରେ ତାପମାତ୍ରା ୪୦ ଡ଼ିଗ୍ରୀ ଉପରେ ରହିଛି । ଭୁବନେଶ୍ୱରରେ ସର୍ବାଧିକ ତାପମାତ୍ରା ୪୧ ଦଶମିକ ୯ ଡ଼ିଗ୍ରୀ ସେଲ୍‌ସିୟସ୍ ଥିବା ରେକର୍ଡ କରାଯାଇଛି । ସେହିପରି ଏହି ସମୟ ମଧ୍ୟରେ ଚାନ୍ଦବାଲିରେ ୪୧ ଦଶମିକ ୬, ଝାରସୁଗୁଡ଼ାରେ ୪୧ ଦଶମିକ ୪, ବାଲେଶ୍ୱରରେ ୪୦ ଦଶମିକ ୫, ସମ୍ବଲପୁରରେ ୪୦ ଦଶମିକ ୩ ଏବଂ କେନ୍ଦୁଝରରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଥିବା ରେକର୍ଡ ହୋଇଛି ।

ଆସନ୍ତାକାଲିଠାରୁ ୨୦ ତାରିଖ ମଧ୍ୟରେ କିଛି ଜିଲ୍ଲାରେ ୪୩ ରୁ ୪୫ ଡିଗ୍ରୀ ସେଲସିୟସ୍‌କୁ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଆଜି ଅପରାହ୍ନରେ ରାଜ୍ୟର କେତେକ ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହୋଇଥିବା ଜଣାପଡିଛି ।

*****************************